# Telephone conversation between PM and President of Indonesia

April 28, 2020

---

# ପ୍ରଧାନମନ୍ତ୍ରୀ ଏବଂ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀଙ୍କ ଭିତରେ ଟେଲିଫୋନ୍ ରେ କଥାବାର୍ତ୍ତା

ଏପ୍ରିଲ୍ 28, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଫୋନରେ ଇଣ୍ଡୋନେସିଆର ମାନ୍ୟବର ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସହିତ କଥାବାର୍ତ୍ତା କରିଛନ୍ତି।

ଦୁଇ ନେତା ଏହି ଅଞ୍ଚଳ ତଥା ବିଶ୍ୱରେ COVID-19 ମହାମାରୀର ପ୍ରସାର ବିଷୟରେ ବିଚାର ଗୁଡ଼ିକର ଆଦାନପ୍ରାଦନ କରିଥିଲେ।.

ଇଣ୍ଡୋନେସିଆର ରାଷ୍ଟ୍ରପତି ଇଣ୍ଡୋନେସିଆକୁ ଫାର୍ମାସ୍ୟୁଟିକାଲ୍ ଉତ୍ପାଦ ଯୋଗାଣ ପାଇଁ ଭାରତ ସରକାର ଦ୍ୱାରା ଦିଆଯାଇଥିବା ସୁବିଧା ପାଇଁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଭାରତ ଚିକିତ୍ସା ଉତ୍ପାଦ କିମ୍ବା ଉଭୟ ଦେଶ ମଧ୍ୟରେ ବାଣିଜ୍ୟ କରୁଥିବା ଅନ୍ୟାନ୍ୟ ସାମଗ୍ରୀ କିମ୍ବା ଅନ୍ୟାନ୍ୟ ଦ୍ରବ୍ୟ ଯୋଗାଣରେ ବ୍ୟାଘାତକୁ ଅଟକାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରିବ।

ନେତାମାନେ ପରସ୍ପରର ଦେଶରେ ଉପସ୍ଥିତ ଥିବା ନାଗରିକମାନଙ୍କ ସହିତ ଜଡିତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ଏବଂ ଏହି ପ୍ରସଙ୍ଗରେ ସମସ୍ତ ସମ୍ଭାବ୍ୟ ସୁବିଧା ସୁନିଶ୍ଚିତ କରିବାକୁ ସେମାନଙ୍କ ଦଳ ସମ୍ପର୍କରେ ରହିବେ ବୋଲି ସହମତ ହୋଇଥିଲେ।

ପ୍ରଧାନମନ୍ତ୍ରୀ ଏହି ତଥ୍ୟକୁ ରେଖାଙ୍କିତ କରିଛନ୍ତି ଯେ, ଇଣ୍ଡୋନେସିଆ ଭାରତର ବିସ୍ତାରିତ ପଡ଼ୋଶୀ ଦେଶରେ ଏକ ମହତ୍ତ୍ୱପୂର୍ଣ୍ଣ ସାମୁଦ୍ରିକ ଭାଗୀଦାର ଅଟେ ଏବଂ ଦ୍ୱିପକ୍ଷୀୟ ସମ୍ପର୍କର ଶକ୍ତି ଉଭୟ ଦେଶକୁ ମହାମାରୀର ପ୍ରଭାବରେ ଲଢିବାରେ ସାହାଯ୍ୟ କରିବ।

ସେ ମଧ୍ୟ HET ରାଷ୍ଟ୍ରପତି ୱିଡୋଡୋଙ୍କୁ ଏବଂ ଇଣ୍ଡୋନେସିଆର ମିତ୍ରତାପୂର୍ଣ୍ଣ ଲୋକ ମାନଙ୍କୁ ରମଜାନର ପବିତ୍ର ମାସ ପାଇଁ ଶୁଭେଚ୍ଛା ଜଣାଇଥିଲେ।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 28, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.